pg - 13

ଧରିତ୍ରୀ | ରବିବାର ୨୪ ଅଗଷ୍ଟ | ୨୦୧୪ | ଭୁବନେଶ୍ୱର

ମହିଳା ପ୍ରତିନିଧିଙ୍କୁ ନେଇ ସଚେତନତା କର୍ମଶାଳା

ବାଲିଅନ୍ତା,(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସାମାଜିକ ଅନୁଷ୍ଠାନ ପିକକ୍ ପକ୍ଷରୁ ଶୁକ୍ରବାର ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଏବିଡିଓ ପଦ୍ମନାଭ ବେହେରା ଉଦ୍‌ଘାଟନ କରିଥିଲେ । ଏଥିରେ ବାଲିଅନ୍ତା ଓ ଭୁବନେଶ୍ୱର ବ୍ଲକର ୨୦ ସରପଞ୍ଚ ଓ ୱାର୍ଡ ସଭ୍ୟା ଯୋଗଦେଇଥିଲେ । ପଞ୍ଚାୟତସ୍ତରରେ ମହିଳା ପ୍ରତିନିଧିମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । କର୍ମଶାଳାରେ ପିକକ୍‌ର ସଦସ୍ୟ ମିନାକ୍ଷୀ ପଣ୍ଡା, ଜ୍ୟୋତିଶଙ୍କର ମହାନ୍ତି, ଉପମା ମହାନ୍ତି, ସୁନନ୍ଦା ବିଶ୍ୱାଳ ଓ ପ୍ରଦୀପ ବେହେରା ଉପସ୍ଥିତ ଥିଲେ ।

SAMBAD
ସମ୍ବାଦ

pg - 16

ଶନିବାର, ୨୩ ଅଗଷ୍ଟ ୨୦୧୪, ଭୁବନେଶ୍ୱର

ପଞ୍ଚାୟତର ବିକାଶରେ ମହିଳାଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୨୨/୮(ଇମିସ): 'ପଞ୍ଚାୟତର ବିକାଶରେ ମହିଳାଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିକକ୍' ପକ୍ଷରୁ ବାଲିଅନ୍ତା ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବାଲିଅନ୍ତା ଓ ଭୁବନେଶ୍ୱର ବ୍ଲକର ୫୦ରୁ ଊର୍ଦ୍ଧ୍ୱ ମହିଳା ପଞ୍ଚାୟତ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ମହିଳା ପ୍ରତିନିଧିମାନେ ପଞ୍ଚାୟତର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରୁଛନ୍ତି ବୋଲି ଏହି କର୍ମଶାଳାରେ ମତ ପ୍ରକାଶ ପାଇଥିଲା । କାକରୁଦ୍ରପୁର ପଞ୍ଚାୟତର ୱାର୍ଡମେମ୍ବର ଆଶାମଣି ସାହୁ, ବଇଁଚୁଆ ପଞ୍ଚାୟତର ସରପଞ୍ଚ ସସ୍ମିତା ମଲ୍ଲିକ, ସରକଣା ପଞ୍ଚାୟତର ସରପଞ୍ଚ ସୌଦାମିନି ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ନକ୍ଷତ୍ରଜ୍ୟୋତି
The nakshatra Jyoti
ପୃଷ୍ଠା ୩
ଶନିବାର ୨୩ ଅଗଷ୍ଟ, ୨୦୧୪

ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ନ.ବ୍ୟୁ) : ଅଞ୍ଚଳର ବିକାଶ ପାଇଁ ପରିବର୍ତ୍ତନର ଦୂତ ସାଜିଛନ୍ତି ନିର୍ବାଚିତ ମହିଳା ସରପଞ୍ଚ ପ୍ରତିନିଧି ସମନ୍ୱିତ ଶିଶୁ ବିକାଶ ଯୋଜନାର ସଠିକ୍ ତଦାରଖଠୁ ଆରମ୍ଭକରି ମଦ ବିରୋଧି ଅଭିଯାନ, ମହିଳା ମାନଙ୍କ ବିରୁଦ୍ଧରେ ହେଉଥିବା ହିଂସା, ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା, ମହିଳା ମାନଙ୍କର ଭାଗିଦାରିତା ସହ ସରକାରୀ ଯୋଜନାର ସଫଳ ରୂପାୟନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଏକତ୍ରିତ ହୋଇ ଆଗକୁ ଆସିଛନ୍ତି ଭୁବନେଶ୍ୱର ଓ ବାଲିଅନ୍ତା ବ୍ଲକ୍‌ର ମହିଳା ପଞ୍ଚାୟତ ପ୍ରତିନିଧି । ବାଲିଅନ୍ତା ବ୍ଲକ୍ ସଭା ଗୃହଠାରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍‌ସ କଲଚରାଲ ସେଣ୍ଟର(ପିକକ) ଆନୁକୂଲ୍ୟରେ ଦି ହଙ୍ଗର ପ୍ରୋଜେକ୍ଟର ସହଯୋଗରେ ଜିଲ୍ଲାସ୍ତରୀୟ ନିର୍ବାଚନ ମହିଳା ପଞ୍ଚାୟତ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ବାଲିଅନ୍ତା ଓ ଭୁବନେଶ୍ୱର ବ୍ଲକ୍‌ର ୫ରୁ ଊର୍ଦ୍ଧ୍ୱ ମହିଳା ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ । ବାଲିଅନ୍ତା ବ୍ଲକ୍‌ର ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ପଦ୍ମନାଭ ବେହେରା ଏହି କର୍ମଶାଳାରେ ଉଦ୍‌ବୋଧନ କରି କହିଥିଲେ ଯେ, ସଚେତନତା ଦ୍ୱାରା ମହିଳା ମାନଙ୍କର ନିଷ୍ପତ୍ତି ନେବା କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି କରାଯାଇପାରିବ । ମହିଳା ମାନଙ୍କ ପାଇଁ ଥିବା ସଂରକ୍ଷଣ, ଆଇନ୍ ଓ ଅନ୍ୟାନ୍ୟ ସରକାରୀ ସୁବିଧା ସହଯୋଗର ସୁବିନିଯୋଗ ପାଇଁ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ପର୍ଯ୍ୟବେକ୍ଷକ ୭
ଭୁବନେଶ୍ୱର,୨୦୧୪, ଅଗଷ୍ଟ ୨୩

ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର(ପି.ଏନ୍): ନିଜ ଅଞ୍ଚଳର ବିକାଶ ପାଇଁ ପରିବର୍ତ୍ତନର ଦୂତ ସାଜିଛନ୍ତି ନିର୍ବାଚିତ ମହିଳା ପଞ୍ଚାୟତ ପ୍ରତିନିଧି । ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସଠିକ ତଦାରଖଠୁ ଆରମ୍ଭ କରି ମଦ ବିରୋଧି ଅଭିଯାନ, ମହିଳା ମାନଙ୍କ ବିରୁଧରେ ହେଉଥିବା ହିଂସା, ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା, ମହିଳା ମାନଙ୍କର ଭାଗିଦାରିତା ସହ ସରକାରୀ ଯୋଜନାର ସଂଫଳ ରୂପାୟନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଏକତ୍ରିତ ହୋଇ ଆଗକୁ ଆସିଛନ୍ତି ଭୁବନେଶ୍ୱର ଓ ବାଲିଅନ୍ତା ବ୍ଲକର ମହିଳା ପଞ୍ଚାୟତ ପ୍ରତିନିଧି । ବାଲିଅନ୍ତା ବ୍ଲକ ସଭା ଗୃହଠାରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରଲାଲ ସେଣ୍ଟର (ପିକକ୍)ଆନୁକୂଲ୍ୟରେ ଦି ହଙ୍ଗର ପ୍ରୋଜେକ୍ଟର ସହଯୋଗରେ ଜିଲ୍ଲା ସ୍ତରିୟ ନିର୍ବାଚିତ ମହିଳା ପଞ୍ଚାୟତ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ବାଲିଅନ୍ତା ଓ ଭୁବନେଶ୍ୱର ବ୍ଲକର ୫୦ରୁ ଉର୍ଦ୍ଧ୍ୱ ମହିଳା ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ । ବାଲିଅନ୍ତା ବ୍ଲକର ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଓ ପଦ୍ମନାଭ ବେହେରା ଏହି କର୍ମଶାଳାରେ ଉଦ୍‌ବୋଧନ କରି କହିଥିଲେ ଯେ, ସଚେତନତା ଦ୍ୱାରା ମହିଳା ମାନଙ୍କର ନିଷ୍ପତ୍ତି ନେବା କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି କରାଯାଇପାରିବ । ମହିଳା ମାନଙ୍କ ପାଇଁ ଥିଲା ସଂରକ୍ଷଣ ଆଇନ ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇଁ ମେ ନିର୍ବାଚିତ ହୋଇ ସାରିବା ପରେ ମହିଳା ପଞ୍ଚାୟତ ପ୍ରତିନିଧି କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଓ ତାର ସଫଳ ମୁକାବିଲା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଥିଲେ । କାକରୁଦ୍ରପୁର ପଞ୍ଚାୟତର ୱାର୍ଡମେମ୍ବର ଆଶାମଣି ସାହୁ ଓ ପ୍ରମିଳା ବେହେରା, ବଇଁଚୁଆ ପଞ୍ଚାୟତର ସରପଞ୍ଚ ସସ୍ମିତା ମଲ୍ଲୀକ, ପୁରଣ ପ୍ରଧାନ ପଞ୍ଚାୟର ନାଏବ ସରପଞ୍ଚ ବାସନ୍ତି ସାହୁ, ଝିଣ୍ଡଶାସନର ପଞ୍ଚାୟତର ନାଏବ ସରପଞ୍ଚ ଭାଗ୍ୟଲକ୍ଷ୍ମୀ ବେହେରା, ଟିକରପଡା ପଞ୍ଚାୟତର ୱାଡମେମ୍ବର ପ୍ରମିଳା ସ୍ୱାଇଁ, ପ୍ରତାପଶାସନ ପଞ୍ଚାୟତର ୱାର୍ଡମେମ୍ବର ଯୋଜନା ରାଉତ, ସରକଣା ପଞ୍ଚାୟତର ସରପଞ୍ଚ ସୌଦାମିନୀ ଦାସ, ପ୍ରମୁଖ କହିଥିଲେ ଯେ, ମହିଳାଙ୍କ ସହଯୋଗରେ ନିଶା ନିବାରଣ କାର୍ଯ୍ୟକ୍ରମଠୁ ଆରମ୍ଭ କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ରାସ୍ତାକାବ, ଅଙ୍ଗନୱାଡି କେନ୍ଦ୍ର ପାଇଁ ଶ୍ରେଣୀ ଗୃହର ବ୍ୟବସ୍ଥା, ବାତ୍ୟା ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଅନେକ କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି । ଡଃ ମିନାକ୍ଷୀ ପଣ୍ଡା ପିକକ୍‌ର ସଦସ୍ୟା ଓ ରାଜନୀତି ବିଜ୍ଞାନରେ ଅଧ୍ୟାପିକାଙ୍କ ଅଧକ୍ଷତାରେ କହିଥିଲେ ଯେ ମହିଳାମାନଙ୍କର ସ୍ୱାସ୍ଥ୍ୟ ସେବା ତଦାରଖ, ନିୟମିତ ଭାବେ ବିଭିନ୍ନ ସରକାରୀ ଯୋଜନାରେ ତଦାରଖ ଓ ଆମ ଗାଁ କଲ୍ୟାଣ ସମିତିର ପୂର୍ଣ୍ଣ କାର୍ଯ୍ୟକାରୀତା ପାଇଁ ମହିଳା ପ୍ରତିନିଧିମାନେ ଆଗଭର ହେବା ଉଚିତ୍ ବୋଲି ପରିଚାଳନା କରିଥିଲେ ।